## ସଂକ୍ଷେପରେ...

### ଫାର୍ସା ଚୋଟରେ ଭାଇ ମୃତ ଘଟଣା, ୨ ଗିରଫ

ବୁଗୁଡ଼ା,୧୪।୬(ଡି.ଏନ.ଏ)-ବୁଗୁଡ଼ା ଥାନା ଭାମାଶିଆଳି ପଞ୍ଚାୟତ ଅନ୍ତର୍ଗତ ଶତ୍ରୁସୋଲ ଗ୍ରାମରେ ଗତ ୧୨ରେ ବଡ଼ଭାଇର ଫାର୍ସା ଚୋଟରେ ସାନଭାଇର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ମନୋଜ ନାୟକ ଓ ବସୁ ସ୍ୱାଇଁଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ଫାର୍ସା ଓ କାତି ଜବତ ହୋଇଛି। ଅଧିକାଂଶ ସମୟରେ ମଦ ପିଇ ଦୁଇ ଭାଇ ଗଣ୍ଡଗୋଳ କରିଆସୁଥିଲା ବେଳେ ଗତ ଗୁରୁବାର କୁକୁଡ଼ା ମାଂସ ସହ ମଦର ଆସର ଜମିଥିଲା। ଏଥିରେ ଦୁଇ ଭାଇ ସମେତ ଅଭିଯୁକ୍ତ ବସନ୍ତ ଓ ଅନ୍ୟ କେତେକ ଯୁବକ ଉପସ୍ଥିତ ଥିଲେ। ସେହି ଭୋଜିରେ ମଧ ମଦ ନିଶା ଚଢ଼ିବା ପରେ ଗଣ୍ଡଗୋଳ ଘଟିଥିଲା। ରବିବାର ବସନ୍ତ ଶତ୍ରୁସୋଲ ଗ୍ରାମକୁ ଆସିଥିଲା ଏବଂ ସବୁ ବେଳେ ମଦ ପିଇ କାହିଁକି ଗଣ୍ଡଗୋଳ କରୁଛୁ ବୋଲି କାମରାଜୁକୁ ତାଗିଦ୍ କରିବାରୁ କାମରାଜୁ ଏକ ଫାର୍ସା ଧରି ବସନ୍ତକୁ ହାଣିବାକୁ ଗୋଡ଼ାଇ ଥିଲା। ଏ ସମୟରେ ମନୋଜ କାମରାଜୁକୁ ଧରି ପକାଇ ଥିଲେ ଏବଂ ବସନ୍ତ ପ୍ରଥମେ କାତିରେ କାମରାଜୁକୁ ଚୋଟ ପକାଇବାରୁ ସେ ତଳେ ପଡିଯାଇଥିଲା। ଏହାପରେ ମନୋଜ ସେହି ଫାର୍ସା କାମରାଜୁର ହାତରୁ ଛଡାଇ ଆଣି ଚୋଟ ପରେ ଚୋଟ ପକାଇଥିଲେ। କାମରାଜୁକୁ ମୁମୂର୍ଷୁ ଅବସ୍ଥାରେ ପୋଲସରା ମେଡିକାଲକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମୃତ କାମରାଜୁଙ୍କ ସ୍ତ୍ରୀ ଅନୁସୂୟା ଅଭିଯୋଗ କ୍ରମେ ନଂ. ୩୩୧ /୨୨ରେ ଏକ ମାମଲା ରୁଜୁ କରି ଜଙ୍ଗଲ ଭିତରେ ଲୁଚି ରହିଥିବା ଅଭିଯୁକ୍ତମାନଙ୍କୁ ଧରିଥିଲା।

### ଭାଜପାର ସେବା ସୁଶାସନ, ଗରିବ କଲ୍ୟାଣ ପର୍ବ ପାଳନ

ଗୋପାଳପୁର,୧୪।୬(ଡି.ଏନ.ଏ.)-ଗୋପାଳପୁର ନିର୍ବାଚନ ମଣ୍ଡଳୀ ପାଲୁର ହିଲସ୍ ନିକଟରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ସେବା ସୁଶାସନ ଓ ଗରିବ କଲ୍ୟାଣ ପର୍ବ ପାଳନ କରାଯାଇଛି। ଏହି ଅବସରରେ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା, ଗଙ୍ଗା ଶତପଥୀ ଓ ରାଜେଶ ସାହୁ ମଞ୍ଚାସୀନ ଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରାଯିବା ସହ କିଭଳି ଲୋକଙ୍କ ନିକଟରେ ଯୋଜନା ପହଞ୍ଚିପାରିବ ସେ ନେଇ କର୍ମୀମାନେ ଲୋକଙ୍କ ନିକଟତର ହେବାକୁ ଆହ୍ୱାନ ଦିଆଯାଇଥିଲା। ଉଜ୍ଜ୍ୱଳା ଯୋଜନା, ସାମାଜିକ ନିରାପତ୍ତା, ୨୦ କୋଟି ମହିଳାଙ୍କୁ ଧନ-ଜନ ଯୋଜନାରେ ସାମିଲ, ୮୦ କୋଟି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ, ୬୦ ଭାଗ ମହିଳାଙ୍କୁ ଅଗ୍ରାଧିକାର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ଯୋଜନାକୁ ଓଡ଼ିଶା ସରକାର ବାଟମାରଣ କରୁଥିବା ଅଭିଯୋଗ ହୋଇଥିଲା। ସଭାନେତ୍ରୀ ଲକ୍ଷ୍ମୀ ନାୟକ, ପୁଷ୍ପାବତୀ, କେ.ପଦ୍ମାବତୀ, ଭାଗିରଥୀ ରେଡ୍ଡୀ, ଶିବ ସେଠୀ, ଭୈରବ ରଣା, କେ. ମୋହନ, କୈଳାସ ନାୟକ, କେଦାର ମହାନ୍ତି, ଈଶ୍ୱର ରାଓ, ଦେବରାଜ ମହାନ୍ତି ଉପସ୍ଥିତ ଥିଲେ।

### ରକ୍ତଦାତା ଦିବସ ପାଳିତ

ବ୍ରହ୍ମପୁର ଅଫିସ୍,୧୪।୬- ସବୁଜ ବାହିନୀ ପକ୍ଷରୁ ମଙ୍ଗଳବାର ଏମ୍‌କେସିଜି ରକ୍ତ ଭଣ୍ଡାରଠାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଜନସାଧାରଣଙ୍କୁ ରକ୍ତଦାନ ବିଷୟରେ ସଚେତନ କରିବା ଓ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଉତ୍ସାହିତ ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ବିଶ୍ୱରେ ଆବଶ୍ୟକ ତୁଳନାରେ ଉପଲବ୍ଧ ହେଉଥିବା ରକ୍ତ ପରିମାଣ ଯଥେଷ୍ଟ କମ୍। ଏହି କାରଣରୁ ଅନେକ ଲୋକଙ୍କର ଅକାଳରେ ମୃତ୍ୟୁ ହେଉଛି। ରକ୍ତଦାନ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର ଓ ସ୍ତ୍ରୀ ଶିବାନୀ ପାତ୍ର ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ବିଜେନ୍ଦ୍ର ମାଝିଙ୍କ ସମେତ ଦେବାଶିଷ ଆଚାର୍ଯ୍ୟ, ପ୍ରଫୁଲ୍ଲ ବେହେରା, ଗଣେଶ ପାଣିଗ୍ରାହୀ, ପ୍ରବୀଣ ନାୟକ, ଦିଲ୍ଲୀପ କୁମାର, ନିରଞ୍ଜନ ପଣ୍ଡା, ସନିଆ ଗୌଡ, ସତ୍ୟମ୍ ସାହୁ ଓ ମହନ୍ତ ନୃତ୍ୟ ଗୋପାଳ୍ ଦାସ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

# ବିଦେଶରେ ଚାକିରି ଦେବାକୁ କହି ୧୩ ଲକ୍ଷ ଠକେଇ

**ବ୍ରହ୍ମପୁର ଅଫିସ,୧୪।୬**

ବ୍ରହ୍ମପୁର ସହରରେ ଠକ ଗ୍ୟାଙ୍ଗ ବିଭିନ୍ନ ଆଳରେ ଲୋକଙ୍କୁ ଠକି ଚାଲିଛନ୍ତି। ସେମାନଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି। ଏହି ଧାରାରେ ବିଦେଶରେ ଚାକିରି ଦେବାକୁ କହି ବହୁ ବେକାର ଯୁବତୀ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ହୋଇଛି। ଗୁଜରାଟର ଏକ ସଂସ୍ଥା ଗଞ୍ଜାମ ଓ ଆଖପାଖ ଅଞ୍ଚଳର ଯୁବତୀ ଯୁବକଙ୍କୁ ଭିଜା ଓ ପାସ୍‌ପୋର୍ଟ କରାଇ ଦେବାକୁ କହି ପାଖାପାଖି ୧୩ ଲକ୍ଷ ଟଙ୍କା ଠକି ନେଇଛି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ଲୋଚାପଡ଼ା ଅଞ୍ଚଳରେ ଥିବା ଏକ ନିଯୁକ୍ତି ସହାୟତା ପ୍ରଦାନକାରୀ ସଂସ୍ଥାରେ ବିଭିନ୍ନ ଅଞ୍ଚଳର ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ଏହି ସଂସ୍ଥା ଗୁଜରାଟରେ ଥିବା ଅନ୍ୟ ଏକ ସଂସ୍ଥା ସହଯୋଗରେ ବେକାର ଯୁବତୀଯୁବକଙ୍କୁ ବିଦେଶରେ ଚାକିରି ଦେବାକୁ ନିଷ୍ପତ୍ତି ହୋଇଥିଲା। ସେହି କ୍ରମରେ ଗୁଜରାଟସ୍ଥିତ ସଂସ୍ଥା ନିର୍ଦ୍ଦେଶ ପ୍ରକାରେ ଲୋଚାପଡ଼ାର ସଂସ୍ଥା ଭିଜା ଓ ପାସ୍‌ପୋର୍ଟ ବାବଦକୁ ଯୁବକଯୁବତୀଙ୍କଠାରୁ ୧୩ ଲକ୍ଷ ଟଙ୍କା ସଂଗ୍ରହ କରି ଗୁଜରାଟର ସଂସ୍ଥାକୁ ଦେଇଥିଲା। ହେଲେ ଅନେକ ଦିନ ଯାଏ ଗୁଜରାଟର ଉକ୍ତ ସଂସ୍ଥା ଯୁବତୀଯୁବକଙ୍କୁ ଚାକିରି ଦେଇନଥିଲା। ଏପଟେ ଟଙ୍କା ଦେଇ ନିରାଶ ହୋଇଥିବା ଯୁବତୀ ଯୁବକମାନେ ଲୋଚାପଡ଼ାରେ ଥିବା ସଂସ୍ଥାକୁ ଯାଇ ପଚାରିବାରୁ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଗୁଜରାଟରେ ଥିବା ଅଫିସକୁ ଯୋଗାଯୋଗ କରାଯାଇଥିଲା। ହେଲେ ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଲୋଚାପଡ଼ାସ୍ଥିତ ସଂସ୍ଥାର ନିର୍ଦ୍ଦେଶକ ରୀତାରାଣୀ ପ୍ରଧାନ ସାଇବର ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ସଂପୃକ୍ତ ସଂସ୍ଥା ବିଷୟରେ ତଦନ୍ତ ଆରମ୍ଭ କରିଛି ।

# ଚାଇଲ୍ଡ ଲାଇନ ପକ୍ଷରୁ ରଜ ମହୋତ୍ସବ



କିଶୋରୀ, କିଶୋର ଓ ଶିଶୁମାନେ ।

**ଫୁଲବାଣୀ ଅଫିସ,୧୪।୬**

କନ୍ଧମାଳ ଜିଲା ଚାଇଲ୍ଡଲାଇନ୍ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ଫୁଲବାଣୀ ସହରସ୍ଥିତ ଅରବିନ୍ଦ ନଗରରେ ଶିଶୁ ମାନଙ୍କ ଗହଣରେ ରଜପର୍ବ ପାଳନ କରାଯାଇଛି। ଏହି ଅବସରରେ କିଶୋରୀ ଓ କିଶୋର ଶିଶୁଙ୍କୁ ନେଇ ଖେଳ, ନୃତ୍ୟ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ବେହେରା ଯୋଗ ଦେଇଥିଲେ। ଚାଇଲ୍ଡଲାଇନ୍ ତରଫରୁ ଶିବଶଙ୍କର ବେହେରା, ସସ୍ମିତା କରଣ, ରାଜଲକ୍ଷ୍ମୀ ମହାକୁଡ, ସୁପ୍ରଭା ନାୟକ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବୈଜୟନ୍ତୀ କହଁର, ଗୋପାଳ ସାହି ଅଙ୍ଗନୱାଡି କର୍ମୀ ଏବଂ ଶଗଡିଆ ସାହି ଅଙ୍ଗନୱାଡି କର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ନାରୀନେତ୍ରୀ ରଶ୍ମିତା ପଟ୍ଟନାୟକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା। ବିଭିନ୍ନ ଫୁଲରେ ସଜ୍ଜିତ ଦୋଳିରେ ଶିଶୁମାନଙ୍କ ସହ ବହୁ ଅଭିଭାବକ, ବସ୍ତିବାସିନ୍ଦା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ରେଶମ ସହରରେ ଦେବସ୍ନାନ ପୂର୍ଣ୍ଣିମା, ପହିଲି ରଜ

**ବ୍ରହ୍ମପୁର ଅଫିସ,୧୪।୬**

ରେଶମ ସହରରେ ମଙ୍ଗଳବାର ପହିଲି ରଜ ଓ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସହରର ଗୋଇଲୁଣ୍ଡି ଜଗନ୍ନାଥ ମନ୍ଦିର, କୋର୍ଟପେଟା ମନ୍ଦିର, ବଡ଼ବଜାରସ୍ଥିତ ତ୍ରିମୂର୍ତ୍ତିନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, ଗୋଷାଣିନୁଆଗାଁ ଉତ୍ତରେଶ୍ୱର ମନ୍ଦିର ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳନ କରାଯାଇଛି। ତିନି ଠାକୁରଙ୍କୁ ସ୍ନାନ କରାଯାଇଛି। ଅନ୍ୟପକ୍ଷରେ ରଜ ଅବସରରେ ସହରର ବିଭିନ୍ନ ସାହି ଗଳିରେ କୁମାରୀମାନେ ଏକାଠି ହୋଇ ନୂଆ ପୋଷାକ ପରିଧାନ ସହ ଅଳତା, ମେହେନ୍ଦୀ ଲଗାଇ ବିଭିନ୍ନ ବେଶରେ ସଜେଇ ହୋଇଥିଲେ। ଝିଅମାନେ ଘର ନିକଟ ଗଛରେ ଓ ନିଜ ଘରେ ଦୋଳି ବାନ୍ଧି ଝୁଲିବା ସହ ପିଠା ଖାଇଥିଲେ। ଘରେ ଘରେ ପୋଡ଼ପିଠା, କାକରା, ମିଠା ପାନ ଓ ଅନ୍ୟାନ୍ୟ ମିଠା ଓ ପିଠା ପ୍ରସ୍ତୁତ ହୋଇଛି। କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ଧରି ରଜ ପର୍ବ ପାଳନ ବନ୍ଦ ରହିଥିବାରୁ ଚଳିତବର୍ଷ ବେଶ ଉତ୍ସାହର ସହ ରଜ ପର୍ବ ପାଳନ କରାଯାଉଛି। ସହରରେ ଅନ୍ୱେଷା କଳାକେନ୍ଦ୍ର, ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ସମେତ ବିଭିନ୍ନ କଳାକେନ୍ଦ୍ର ଓ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଅବସରରେ ମହିଳା ଓ କୁମାରୀ ଝିଅମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି।


ଉତ୍ତରେଶ୍ୱର ମନ୍ଦିରରେ ସ୍ନାନ ମଣ୍ଡପରେ ବିଜେ ତିନି ଠାକୁର।

## ୮ ବର୍ଷୀୟା ଝିଅଙ୍କୁ ଚେଙ୍କଦେବା ଘଟଣା
# ସାବତ ମା' ଗଲେ ଜେଲ

**ବ୍ରହ୍ମପୁର ଅଫିସ,୧୩।୬**

ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ହନୁମାନ ନଗରରେ ଅନନ୍ତ ମହାରଣାଙ୍କ ପ୍ରଥମ ସ୍ତ୍ରୀଙ୍କ ଝିଅକୁ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଚେଙ୍କ ଦେଇଥିଲେ। ଏହି ମାମଲାରେ ପୋଲିସ ଝିଅଙ୍କ ସାବତ ମା' ଜାନକୀ ମହାରଣାଙ୍କୁ ସୋମବାର ଗିରଫ କରିଥିଲା। ମାମଲା ନମ୍ବର ୧୪୬/୨୨ରେ ଜାନକୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ପ୍ରକାଶଯେ, ଗତ ରବିବାର ଏକ କୁନି ଝିଅ କାନ୍ଦି କାନ୍ଦି ସାହିରେ ଯାଉଥିବା ବେଳେ ସ୍ଥାନୀୟ କେତେକ ମହିଳା କାହିଁକି କାନ୍ଦୁଛୁ ଏବଂ ଝିଅଟିର ମୁହଁ ଓ ବେକରେ ଦାଗଥିବା ଦେଖି ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ସେ କହିଥିଲେ, ସାବତ ମା' ଜାନକୀ ତାଙ୍କୁ ଚେଙ୍କ ଦେଇଛନ୍ତି। ବଡ଼ବଜାର ପୋଲିସ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ଜଣାଇବା ସହ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରିଥିଲା। ସିଡବ୍ଲ୍ୟୁସି ନିର୍ଦ୍ଦେଶକ୍ରମେ ଉକ୍ତ ଝିଅଟି ବାଳାଶ୍ରମରେ ରହିଛି।

# ନୂତନ ରକ୍ତଦାତା ସୃଷ୍ଟି ପାଇଁ ଉଦ୍ୟମ


ଜଣେ ରକ୍ତଦାତାଙ୍କୁ ସମ୍ମାନିତ କରାଯାଉଛି।

**ଭଞ୍ଜନଗର,୧୪।୬(ଡି.ଏନ.ଏ)**

ରକ୍ତର କୌଣସି ବିକଳ୍ପ ନଥିବା ବେଳେ ରକ୍ତଦାନ ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜୁନ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନା ରକ୍ତ କେନ୍ଦ୍ରରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ରୂପେ ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏସ୍‌ଡିଏମ୍‌ଓ ଡ଼. ସୁରେଶ ଚନ୍ଦ୍ର ସାମନ୍ତ, ଡ. ବି.ପ୍ରଣବାନନ୍ଦ ପାତ୍ର ଓ ମେଡିକାଲ ସହକାରୀ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ୬ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। କିଭଳି ଅଧିକରୁ ଅଧିକ ନୂତନ ରକ୍ତଦାତା ସୃଷ୍ଟି ଓ ମହିଳା ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ସଚେତନ କରି ଅଧିକ ରକ୍ତ ସଂଗ୍ରହ କରାଯିବା ଉପରେ ଆଲୋଚନା ହୋଇଥିଲା। ଗତବର୍ଷ ଏହି ରକ୍ତଭଣ୍ଡାରରୁ ମୋଟ ୪,୨୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ଚଳିତ ବର୍ଷ ୫ ହଜାର ୟୁନିଟ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରୁ ମୋଟ ୨୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ସୁରଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ
## ମୃତକଙ୍କ ପରିବାରକୁ ସହାୟତା

**ଗୋପାଳପୁର,୧୪।୬(ଡି.ଏନ୍.ଏ.)**

ଗୁଜରାଟ ରାଜ୍ୟ ସୁରଟରେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଶାସନପଦର ଗ୍ରାମର ମିଟୁ ନାୟକଙ୍କ ଗତ ୯ ତାରିଖରେ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଗତ କିଛି ବର୍ଷ ହେଲା ଦାଦନ ଶ୍ରମିକ ଭାବେ ସୁରଟରେ କାମ କରୁଥିଲେ। ହଠାତ୍ ୯ରେ ମିଟୁଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ମିଳିଥିଲା। ମୃତଦେହକୁ ଗ୍ରାମକୁ ଆଣିବା ପାଇଁ ପରିବାର ଲୋକଙ୍କ ଆର୍ଥିକ ସମ୍ବଳ ନ ଥିଲା। ଓଡ଼ିଶା ମୋ ପରିବାର ସହାୟତାରେ ମିଟୁଙ୍କ ମୃତଦେହକୁ ଗତ ରବିବାର ଗ୍ରାମକୁ ଅଣାଯାଇଥିଲା। ମୃତକ ପରିବାରର ଏକମାତ୍ର ରୋଜଗାରିଆ ଥିବାରୁ ବର୍ତ୍ତମାନ ପରିବାର ବେସାହାରା ହୋଇ ପଡ଼ିଛନ୍ତି। ତାଙ୍କର ସ୍ତ୍ରୀ ଓ ୨ ସନ୍ତାନ ସହ ବିଧବା ମା' ମଧ୍ୟ ରହିଛନ୍ତି। ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ଓଡ଼ିଶା ମୋ ପରିବାର ପକ୍ଷରୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା, ଚାଉଳ ଓ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଅନ୍ୟପଟେ ତାଙ୍କ ପରିବାରକୁ ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯିବ ଓ ଅନ୍ୟ ସହାୟତା ପ୍ରଦାନ କରାଯିବ ବୋଲି ଜନ ପ୍ରତିନିଧିମାନେ ଆଶ୍ୱାସନା ଦେଇଥିଲେ। ଏହି ଅବସରରେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍. ରାଜେଶ୍ୱରୀ ଦୋରା, ୫୪ନଂ ଜିଲା ପରିଷଦ ଦୀପକ କୁମାର ସାମନ୍ତ, ବ୍ଲକ ବିଜେଡି ସଭାପତି ଅଜିତ କୁମାର ଦାଶ, ବ୍ଲକ ଯୁବ ବିଜେଡି ସଭାପତି ବିନୋଦ କୁମାର ମହାକ୍ଷୁଡ଼, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସିଏଚ୍ ନରେଶ, ସରପଞ୍ଚ ସୁଧୀର ନାୟକ, ସନ୍ତୋଷ କୁମାର ବେହେରା, ଲୋକନାଥ ବେହେରା, ସଂଗ୍ରାମ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇପିଏଲ୍ ବେଟିଂ ର୍‍ୟାକେଟ ଠାବ ମାମଲା
# ୩ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

**ବ୍ରହ୍ମପୁର ଅଫିସ,୧୪।୬**

ବ୍ରହ୍ମପୁର ଗୋଷାଣୀନୂଆଗାଁ ପୋଲିସ ମେ ୧୭ରେ ଏକ ଆଇପିଏଲ୍ ବେଟିଂ ରାକେଟକୁ କାବୁ କରିଥିଲା। ଷ୍ଟକିଷ୍ଟ ଦିପୁ ନାହାକଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ମଣ୍ଡଳ କାରାଗାରରେ ଥିବା ଅଶ୍ୱିନୀ ପାତ୍ର, କିଟୁ ରାଉତ ଓ ଗୋପୀନାଥ ମହାରଣାଙ୍କ ଜାମିନ ପାଇଁ ତାଙ୍କ ଓକିଲ ବୁଧବାର ଜିଲା ଜଜ୍‌କୋର୍ଟରେ ଆବେଦନ କରିଥିଲେ। ବୁଧବାର ଜିଲା ଜଜ୍ ଦାୟିତ୍ୱରେ ଥିବା ଏଡିଜେ-୧ ସଂଘମିତ୍ରା ଶର୍ମା ଜାମିନ ଆବେଦନର ଶୁଣାଣି କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଣେ ଜାମିନଦାର ହାଜର କରିବା ସହ ୫୦ ହଜାର ଟଙ୍କାର ବେଲ୍‌ବଣ୍ଡ ଦାଖଲ କରି ଉପରୋକ୍ତ ୩ ଅଭିଯୁକ୍ତ ସର୍ତ୍ତମୂଳକ ଜାମିନରେ ଯାଇଛନ୍ତି ବୋଲି ତାଙ୍କ ଓକିଲ ବିରଞ୍ଚି ମହାପାତ୍ର କହିଛନ୍ତି। ସରକାରଙ୍କ ପକ୍ଷରୁ ପିପି ଦାୟିତ୍ୱରେ ଥିବା ବଳରାମ କୁଣ୍ଡୁ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପୀତବାସ ପଣ୍ଡା, ବିରଞ୍ଚି ମହାପାତ୍ର ଓ ଅଶୋକ ସାହୁ ମକଦ୍ଦମା ପରିଚାଳନା କରିଥିଲେ। ପ୍ରକାଶ ଯେ, ଗୋଷାଣୀନୂଆଗାଁ ପୋଲିସ ମେ ୧୭ରେ ଏକ ଆଇପିଏଲ୍ ବେଟିଂ ରାକେଟ ଠାବ କରିବା ସହ ଗୋଳନ୍ଥରା ଅଞ୍ଚଳର ଦୀପୁ ନାହାକ, ପ୍ରଶାନ୍ତ କୁମାର ସାହୁ, ଅଶ୍ୱିନୀ ପାତ୍ର, କିଟୁ ରାଉତ ଓ ଗୋପୀନାଥ ମହାରଣାଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୪ ଲକ୍ଷ ୯୬ ହଜାର ୯ଶହ ଟଙ୍କା, ଗୋଟିଏ କାର, ୨୦୩.୯୬ ଗ୍ରାମ ସୁନା ଗହଣା ଓ ୯ଟି ମୋବାଇଲ ଜବତ କରିଥିଲା। ମାମଲା ନମ୍ବର ୭୮/୨୨ରେ ଗିରଫ ୫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା।

# ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ

**ବ୍ରହ୍ମପୁର ଅଫିସ,୧୪।୬**

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟକାର୍ଡ ପ୍ରେରଣ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ମାସିକ ପେନ୍‌ସନ ୯ ହଜାର ଟଙ୍କା ବୃଦ୍ଧି, ଆୟୁଷ୍ମାନ୍ ଭାରତ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ଦାବି ହୋଇଛି। ଆସୋସିଏଶନ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ସଂଘ ଜିଲା ସଭାପତି ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀଙ୍କ ନେତୃତ୍ୱରେ ବ୍ରହ୍ମପୁର ମୁଖ୍ୟ ଡାକଘର ସମ୍ମୁଖରେ ପ୍ରତିବାଦ କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪୨୦ ଖଣ୍ଡ ପୋଷ୍ଟକାର୍ଡ ପ୍ରେରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାରାୟଣ ସାବତ, ଭାଗ୍ୟପ୍ରଭା ପଟ୍ଟନାୟକ, ରବୀନ୍ଦ୍ର ନାଥ ସାମନ୍ତରାୟ, ରମେଶ ଚନ୍ଦ୍ର ସାହୁ, କେଦାରନାଥ ପାଣିଗ୍ରାହୀ, ମହେଶ୍ୱର ପାତ୍ର, ବସନ୍ତ ପଟ୍ଟନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ମୁଖ୍ୟ ଡାକଘର ସମ୍ମୁଖରେ ପ୍ରତିବାଦ।

# ଗଞ୍ଜାମ କଂଗ୍ରେସର ଜିଲାସ୍ତରୀୟ ସଂକଳ୍ପ ଶିବିର

**ବ୍ରହ୍ମପୁର ଅଫିସ,୧୪।୬**

ଗଞ୍ଜାମ କଂଗ୍ରେସ କମିଟିର ଜିଲାସ୍ତରୀୟ ସଂକଳ୍ପ ଶିବିର ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ହେରାଲ୍ଡ ମାମଲାରେ ଦଳର ତୁଙ୍ଗ ନେତା ରାହୁଲ ଗାନ୍ଧୀଙ୍କୁ ଇଡିର ସମନ ଓ ଜେରା ଘଟଣାର ତୀବ୍ର ନିନ୍ଦା କରାଯାଇଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାର ରାଜନୈତିକ ଉଦ୍ଦେଶ୍ୟରେ ପ୍ରତିଶୋଧ ପରାୟଣ ହୋଇ କଂଗ୍ରେସ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଅସଦ୍ ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକ ଅଫିସ ଆଗରେ ନେତା ଓ କର୍ମୀଙ୍କ ପକ୍ଷରୁ ବିକ୍ଷୋଭ ସହ ଆନ୍ଦୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି।

ଜିଲା କଂଗ୍ରେସ ସଭାପତି ବିଧାୟକ ରମେଶ ଜେନାଙ୍କ ଅନୁପସ୍ଥିତିରେ ଉପସଭାପତି ମହେଶ୍ୱର ପାତ୍ର ଅଧ୍ୟକ୍ଷତା କରିଥିଲେ। ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ବନଜା ପଣ୍ଡାଙ୍କ ସମେତ ସୁବାସିନୀ ପଟ୍ଟନାୟକ, ମଞ୍ଜୁ ରଥ, ଦଣ୍ଡପାଣି ପାତ୍ର, ଡବ୍ଲ୍ୟୁ ବାଲକ୍ରିଷ୍ଣା ଓ ଅନେକ କର୍ମକର୍ତ୍ତା ସହ କର୍ମୀ ଯୋଗ ଦେଇଥିଲେ। ଦଳର କାର୍ଯ୍ୟାଳୟ ବାପୁଜୀ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନବିରୋଧୀ ଏବଂ କୃଷକ ଓ ଶ୍ରମିକମାରଣ ନୀତିର କଡ଼ା ସମାଲୋଚନା କରାଯାଇଥିଲା। ବେକାରି ସମସ୍ୟା ସମାଧାନରେ ଉଭୟ ସରକାରଙ୍କ ବିଫଳତାକୁ ରବି ରଥ, କିଶୋର କପୁର, ପଦ୍ମ ଚରଣ ସାହୁ, ନାଗ ଭୂଷଣ ରାଓ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ସମାଲୋଚନା କରିଥିଲେ।

ଗଞ୍ଜାମରେ କଂଗ୍ରେସ ସଂଗଠନକୁ ପୁନର୍ବାର ମଜଭୁତ କରି ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଶିବିରରେ ସଂକଳ୍ପ ନିଆଯାଇଥିଲା। ଭାଜପା ବିରୋଧରେ ଜିଲାବ୍ୟାପୀ ଜନସଚେତନତା ସୃଷ୍ଟି ନିମନ୍ତେ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ଉପସଭାପତି ପାତ୍ର ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ଉଠିଲେ ଜିଲା ଓ ରାଜ୍ୟର ବିକାଶ ଘଟିବା ମତ ପ୍ରକାଶ ପାଇଥିଲା।



ଗଞ୍ଜାମ କଂଗ୍ରେସର ଜିଲାସ୍ତରୀୟ ସଂକଳ୍ପ ଶିବିରରେ ଉପସ୍ଥିତ ନେତ୍ରୀ ଓ ନେତା।

# ଲୋକକଳା ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୧୪।୬**

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସିଟି ହାଇସ୍କୁଲ ରୋଡସ୍ଥିତ ମାନସ ଭବନ ପରିସରରେ ଲୋକକଳା ଦିବସ ପାଳିତ ହୋଇଯାଇଛି। ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଶୁ ସାହିତ୍ୟିକ ତଥା ବରିଷ୍ଠ କଳାକାର ଡ. ବିଜୟ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଓ କୈଳାସ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଜାତୀୟ ଚରିତ୍ରର ମହନୀୟତା କ୍ଷେତ୍ରରେ ଆମ ଲୋକକଳା ଓ ଲୋକ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ହେତୁ ଏହାର ସଂରକ୍ଷଣ, ବିକାଶ ଓ ପ୍ରଗତି ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ପଣ୍ଡା, ନୀଳାମ୍ବର ସାହୁ, ଟି. ତାରିଣୀ ରାଓ, ଲକ୍ଷ୍ମୀ ନାରାୟଣ ସାମଲ, ବନ୍ଦନା ମହାପାତ୍ର, ବନ୍ଦନା ନନ୍ଦ, ମାମିନା ମିଶ୍ର ପ୍ରମୁଖ ଆମ ଲୋକକଳା, ଆମ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏଥିସହ ଗାୟକ ଭଗବାନ୍ ପାତ୍ର ଓ ସାଥୀ ପ୍ରଦୀପ କୁମାର ସାହୁ ଲୋକନୃତ୍ୟ ଦାସକାଠିଆ ପରିବେଷଣ କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ

**ଗଞ୍ଜାମ,୧୪।୬(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ବିରୁଳିଗଡ଼ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ନାମଯଜ୍ଞ ସହ ଜ୍ଞାନଯଜ୍ଞ, ହରିହାଟ, ଘୃତଯଜ୍ଞମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିରୁଳି ରାଜା ମହେନ୍ଦ୍ର ବିକ୍ରମ ସିଂହ ଦେଓ ଯୋଗଦେଇଥିବା ବେଳେ ବୈରାଗି ତରାଇ, ରଞ୍ଜିତ ତରାଇ, ତପନ ତରାଇ, ଗୋବିନ୍ଦ ତରାଇ, ନାରାୟଣ ସିଂ, କବିରାଜ ତରାଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଢୁଛି ସାମାଜିକ ବାସନ୍ଦ, ନୀରବ ଜନପ୍ରତିନିଧି

**ଛତ୍ରପୁର,୧୪।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ କୌଣସି ସାଧାରଣ କାରଣକୁ ନେଇ ପରିବାରକୁ ସାମାଜିକ ବାସନ୍ଦ, ଜରିମାନା, ଗୁଣି ସନ୍ଦେହରେ ନିର୍ଯାତନା ଆଦି କୁସଂସ୍କାର ଏବେ ବି ରହିଛି । ଥାନା, କୋର୍ଟକୁ ନ ଯାଇ ଗାଁ କମିଟି ଓ କୂଳ ସମାଜ ବୈଠକରେ ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଯାଉଛି । ମହାମାରୀ ଭଳି ସାମାଜିକ ବାସନ୍ଦ ବ୍ୟାଧି ବ୍ୟାପି ଚାଲିଛି । ଜିଲାରେ ଏଭଳି ଅନେକ ଘଟଣା ଘଟୁଛି। ଏବେ ୨ ମାସ ହେଲା ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧିନ ଗଞ୍ଜାମ ବ୍ଲକ ସାମାଜିକ ବାସନ୍ଦ, ନିର୍ଯାତନା, ଜରିମାନା ଆଦାୟ ଓ ଗୁଣି ସନ୍ଦେହରେ ନିର୍ଯାତନା ନେଇ ଚର୍ଚ୍ଚାରେ ରହିଛି । ଯୋଉଁଥିପାଇଁ ପୋଲିସକୁ

## ନାକେଦମ ପୋଲିସ

ନାକେଦମ ହେବାକୁ ପଡିଛି । ନ୍ୟାୟ ଲାଗି ବାସନ୍ଦ ଓ ନିର୍ଯାତିତ ପରିବାର ଛତ୍ରପୁର ଆସି ଗଞ୍ଜାମ ଜିଲାପାଳ ଏବଂ ଏସପିଙ୍କୁ ଭେଟିବା ଘଟଣା ନିତିଦିନିଆ ହେଲାଣି। ଏପରିକି ନ୍ୟାୟ ନ ପାଇ ଜଣେ ବ୍ୟକ୍ତି ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବା ଭଳି ଘଟଣା ମଧ୍ୟ ଘଟିଛି । ଅନ୍ୟପକ୍ଷରେ ନିର୍ବାଚିତ ଜନପ୍ରତିନିଧିମାନେ ଏଥିରେ ହସ୍ତକ୍ଷେପ କରି ଆପୋଷ ଆଲୋଚନା କିମ୍ବା ସମାଧାନ କରିବା ଦୂରର କଥା ସମସ୍ତେ ନୀରବ ରହୁଥିବାରୁ ସ୍ଥିତି ଆହୁରି ଜଟିଳ ହୋଇଯାଉଛି।

ବାସନ୍ଦ ଓ ନିର୍ଯାତିତ ପରିବାର ଜିଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହେବାର ଦିନେ ଦୁଇଦିନ ପରେ ଏହାକୁ କାଉଣ୍ଟର କରିବାକୁ ଗ୍ରାମବାସୀ, କୂଳ ସମାଜର ପ୍ରତିନିଧି ମଧ୍ୟ ଆସି ପୋଲିସ ଅଧିକାରୀଙ୍କୁ ଅଭିଯୋଗ କରୁଛନ୍ତି। ଫଳରେ ପୋଲିସ ଅଧିକାରୀ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଗଞ୍ଜାମ ବ୍ଲକ କାଇଁଚପୁର ଗ୍ରାମର ୧୮ ପରିବାରକୁ ୬ ବର୍ଷ ହେଲା କୈବର୍ତ୍ତ ମହାସଂଘର ସଭାପତି ତଥା ବର୍ତମାନର ଜିଲାପରିଷଦ ସଭ୍ୟ ସନାତନ ବେହେରା ବାସନ୍ଦ କରିଥିବା ସେମାନେ ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। କୈବର୍ତ୍ତ ସମାଜର କୋଠ ସମ୍ପତି ହିସାବ ମାଗିବାକୁ ଏପରି କରାଯାଇଥିବା କୁହାଯାଇଥିଲା । ତେବେ ଅଭିଯୋଗ ଭିତ୍ତିହୀନ ବୋଲି ଜିଲାପରିଷଦ ସଭ୍ୟ କହିଛନ୍ତି। ସେହିପରି ରାଉଳିବନ୍ଧ ଗାଁର ସଭାପତି ପୁରୁଷୋତମ ରେଡ୍ଡୀଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । କୋଠ ସମ୍ପତିକୁ କେନ୍ଦ୍ର କରି ଏପରି ହୋଇଥିବା କୁହାଯାଇଥିବା ବେଳେ ପୋଲିସ ପକ୍ଷରୁ ଆଲୋଚନା ଜାରି ରହିଛି। ସନ୍ତୋଷପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡୀଙ୍କ ସମେତ ୪ ପରିବାରକୁ ବାସନ୍ଦ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବାସନ୍ଦ କଥା ଭୁଲ ବୋଲି କହିବା ସହ କୋଠ ସମ୍ପତି ପୈଠ କରି ନ ଥିବା ନେଇ ଗ୍ରାମବାସୀ କହିଛନ୍ତି। ସାମାଜିକ ବାସନ୍ଦ ଯୋଗୁ ବାରମ୍ବାର ପୋଲିସକୁ ନ୍ୟାୟ ପାଇଁ ଅନୁରୋଧ କରି ବିଫଳ ହେବା ପରେ ବୋରିଗାଁର ବାଦଲ ସାହୁ ଏସ୍‌ପି ଅଫିସ ଆଗରେ ଆତ୍ମାହୁତି ଦେଇଥିଲେ । ସୁବୁଲିଆର ସମିତିସଭ୍ୟଙ୍କୁ ମଧ୍ୟ ଗାଁରୁ ବାସନ୍ଦ କରାଯାଇଥିବା ସେ ଏସପିଙ୍କୁ ଅଭିଯୋଗ କରିଥିଲେ । ଗୁଣି ସନ୍ଦେହରେ ଗଡହୁମ୍ପା ଗାଁର ଦୁଇ ଜଣଙ୍କୁ ମାଡ ମାରି ଦାନ୍ତ ଭଙ୍ଗାଯାଇଥିବା ନେଇ ରମ୍ଭା ଥାନାରେ ଅଭିଯୋଗ ହୋଇଥିଲା । ଗଞ୍ଜାମ ଏସପି ବ୍ରିଜେଶ କୁମାର ରାୟ କହିଛନ୍ତି, ଅଭିଯୋଗ ଆସିଲେ ମାମଲା ରୁଜୁ କରି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ମନିଟିରଂ ଏସଡିପିଓ ମାନେ କରୁଛନ୍ତି। ତେବେ କେତେକ ପୁରୁଣା ଘଟଣା ରହିଛି ଏବଂ ବହୁତ ବିଳମ୍ବରେ ଆସି ପୋଲିସକୁ ଜଣାଉଛନ୍ତି। ତେଣୁ ଏପରି କିଛି ଘଟଣା ଘଟିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ଜନସାଧାରଣଙ୍କୁ ଏସପି ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ...

### ବିଜେଡିର ଜୋନସ୍ତରୀୟ ବୈଠକ

ରାୟଗଡ଼(ଗଜପତି)୧୪।୬-ଗଜପତି ଜିଲା ରାୟଗଡ଼ ବ୍ଲକରେ ବିଜେଡ଼ିର ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଜିଲା ସଭାପତି ପ୍ରଦୀପ ନାୟକ, ସହ ସଂଯୋଜକ ଜଗଦୀଶ ରାଓ, ଜିଲା ପରିଷଦ ପୂର୍ବତନ ଉପାଧକ୍ଷ ଆର୍. ବିଜୟ କୁମାର, ବ୍ଲକ ସଭାପତି ସୀମା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ବୈଠକରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ଲକରେ ଦଳରୁ ଅଧକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ସଂଖ୍ୟାଧିକ ଭାବେ ନିର୍ବାଚିତ ହୋଇଥିବାରୁ ପଞ୍ଚାୟତ ସମିତିର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନିର୍ବାଚିତ ପ୍ରତିନିଧି ଲୋକଙ୍କ ନିକଟତର ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଗୁଡିକୁ ପହଞ୍ଚାଇବାକୁ ଏମପି ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.) ପାରାଳାଖେମୁଣ୍ଡି ସହର ଉପକଣ୍ଠ ତଥା ଗୋଷାଣୀ ବ୍ଲକ ଅନ୍ତର୍ଗତ ଧାମୁଣୀଗାଁ ନିକଟେରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଆନ୍ଧ୍ରର ଚାପରା ଗ୍ରାମର ଘାସି ମେଦିକା ସାହିର ରୋକାନ ରାଓ (୫୦)ଙ୍କ ମୃତୁ ଘଟିଛି। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ନଂ. ୧୦୯/୨୨ରେ ଏକ ମାମଲା ରୁଜୁକରାଯାଇ ତଦନ୍ତ ଜାରି ରହିଥିବାର ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### ଭାଜପା ଯୁବ ମୋର୍ଚ୍ଚାର ବାଇକ ରାଲି

ପାରଳାଖେମୁଣ୍ଡି, ୧୪।୬(ଡି.ଏନ୍.ଏ.)- ପାରଳାଖେମୁଣ୍ଡିଠାରେ ଥିବା ଗଜପତି ଜିଲା ଭାଜପା କାର୍ଯ୍ୟାଳୟଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ ବର୍ଷ ଶାସନ ପୂର୍ତ୍ତି ଅବସରରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି । ଭାଜପା ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ତେଜସ୍ୱି ସୂରିୟାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସଭାପତି ଏରେସିସ ଆଚାର୍ଯ୍ୟଙ୍କ ଆହ୍ୱାନ କ୍ରମେ ଜିଲା ଭାଜପା ଯୁବ ସଭାପତି ସନ୍ତୋଷ ଜେନାଙ୍କ ନେତୃତ୍ୱରେ ଏହି ରାଲି ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ୮ବର୍ଷର ସେବା, ସୁଶାସନ, ଗରିବ କଲ୍ୟାଣ ପର୍ବ, ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଯୁବ ମୋର୍ଚ୍ଚା ପକ୍ଷରୁ ବିକାଶ ତୀର୍ଥ ବାଇକ ରାଲି ସମାବେଶ କରାଯାଇ ସହର ପରିକ୍ରମା କରାଯାଇଥିଲା।

### ଦୁର୍ଘଟଣାରେ ଯୁବ କଣ୍ଠଶିଳ୍ପୀ ମୃତ

ନବରଙ୍ଗପୁର, ୧୪।୬(ବି.ପ୍ର.)- ନବରଙ୍ଗପୁର ସହର ପୂଜାରୀ ସାହିର ଜଣେ ଯୁବ କଳାକାର ତଥା କଣ୍ଠ ଶିଳ୍ପୀ ଶିବ ପ୍ରସାଦ ମହାପାତ୍ର(୨୬) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଶିବ ସୋମବାର ରାତି ଜୟପୁରରୁ ନବରଙ୍ଗପୁର ବାଇକ୍‌ରେ ଘରକୁ ଫେରୁଥିଲେ। କମରା ଗାଁ ନିକଟ ତଥା ୨୬ ନମ୍ବର ଜାତୀୟ ରାଜପଥରେ ପୋଲ ନିର୍ମାଣ ପାଇଁ ଡାଇଭରଶନ ଦିଆଯାଇଛି। ଯାହାକି ଯାତ୍ରୀ ତଥା ଗାଡି ମଟର ଚାଳକଙ୍କୁ ଡାଇଭର୍ଶନ ହଟାଥ ଜଣା ପଡୁନାହିଁ।

# କୋ-ଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ପାରଳାଖେମୁଣ୍ଡି,୧୪।୬(ଡି.ଏନ୍.ଏ.)**

ଗଜପତି ଜିଲାର ସମସ୍ତ ୧୫ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜିଲାରେ ପ୍ରଥମ ଥର ଏଭଳି ସମସ୍ତ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ଜଣାପଡ଼ିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରତି ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ଲାଗି କେବଳ ଗୋଟିଏ ଲେଖାଏ ମନୋନୟନପତ୍ର ଦାଖଲ

## ଗଜପତି ଜିଲାରେ ପ୍ରଥମ

କରାଯାଇଥିବାରୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ନାରାୟଣ ସେଠୀ ଫଳାଫଳ ଘୋଷଣା କରିଛନ୍ତି।

କୋ-ଅପରେଟିଭ ବ୍ୟାଙ୍କର ଜୋନ ନଂ.୧ରେ ଭାନା ଦଣ୍ଡାସି ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବା ବେଳେ ଜୋନ ନଂ.୨ରେ ଅଭିମନ୍ୟୁ ପଣ୍ଡା, ଜୋନ ୩ରେ ଲକ୍ଷ୍ମୀକାନ୍ତ ପରିଚ୍ଛା, ୪ନଂ. ରେ ଦାନାନା ଆପ୍ପାରାଓ, ୫ନଂ.ରେ ଏ. ଶଙ୍କର ରାଓ, ୬ନଂ.ରେ ଅନିତା କୁମାରୀ ପଣ୍ଡା, ୭ନଂ.ରେ ଗୀତାରାଣୀ ପଣ୍ଡା, ୮ନଂ.ରେ ୟେରୁକୁଲା ଗାଡାୟା, ୯ନଂ.ରେ କରନମ ରବିକୁମାର, ୧୦ନଂ.ରେ ଜମିଦାର ପଟ୍ଟନାୟକ, ୧୧ନଂ.ରେ ଉଷାବତୀ ମହାରଣା, ୧୨ନଂ.ରେ ଶ୍ରୀଦେବୀ ବକ୍ସି, ୧୩ନଂ.ରେ ପି. ଅମ୍ବୁଲମ୍ମା, ୧୪ନଂ.ରେ ଏମ୍ ରବିରାଜୁ ଓ ୧୫ ନଂ.ରେ ଆଦର୍ଶ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ସମସ୍ତ କୋ-ଅପରେଟିଭ ନିର୍ଦ୍ଦେଶକଙ୍କ ସହଯୋଗ ଫଳରେ ସୁରୁଖୁରୁରେ ନିର୍ବାଚନ ସମାପନ ହୋଇଛି। ଆଗକୁ ବ୍ୟାଙ୍କର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେବ ବୋଲି ନବ ନିର୍ବାଚିତ ନିର୍ଦ୍ଦେଶକମାନେ ମତପ୍ରକାଶ କରିଛନ୍ତି।


ନବ ନିର୍ବାଚିତ ନିର୍ଦ୍ଦେଶକମାନେ।

# କୋଏମ୍ବାଟୁର୍‌ରୁ ଗାଁକୁ ଆସିଲା ଶ୍ରମିକଙ୍କ ମୃତଦେହ

**ସୋରଡା,୧୧।୬(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ହୁକୁମା ପଞ୍ଚାୟତ ନୂଆଗାଁ ଗ୍ରାମର ରଞ୍ଜନ ମଲିକ (୨୭)ଙ୍କ ତାମିଲନାଡୁର କୋଏମ୍ବାଟୁରରେ ଏକ ବିଷାକ୍ତ ଜୀବ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ସୋମବାର ଭୋରରେ ରଞ୍ଜନଙ୍କ ମୃତଦେହ ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚି ଥିଲା। ସେଠାରେ ଶ୍ରମବିଭାଗ ତରଫରୁ ଅପେକ୍ଷାରେ ରହିଥିବା ଆମ୍ବୁଲାନ୍ସ ଯୋଗେ ରଞ୍ଜନଙ୍କ ମୃତଦେହ ନୂଆଗାଁକୁ ପହଞ୍ଚିଥିଲା। ମଙ୍ଗଳବାର ପରିବାର ଓ ସମ୍ପର୍କୀୟ ମାନଙ୍କ ଦ୍ୱାରା ରଞ୍ଜନଙ୍କ ମୃତଦେହ ଦାହ କରଯାଇଥିଲା। ରଞ୍ଜନ କୋଏମ୍ବାଟୁରର ପେରିୟାନାଇକେନପାଲୟମ ଥାନା ଅଞ୍ଚଳର ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଗୁରୁବାର ନିଜ ବାସସ୍ଥଳୀରେ ବିଶ୍ରାମ ନେଉଥିବା ବେଳେ ରାତିରେ କୌଣସି ବିଷାକ୍ତ ଜନ୍ତୁ ତାଙ୍କୁ କାମୁଡ଼ି ଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ନିକଟରେ ଥିବା ବନ୍ଧୁମାନେ ରଞ୍ଜନଙ୍କୁ ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଗତ ଶୁକ୍ରବାର ମଧ୍ୟରାତିରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସମ୍ପର୍କୀୟମାନେ ରଞ୍ଜନଙ୍କ ମୃତଦେହ ଗାଁକୁ ଆଣିବା ଲାଗି ଶନିବାର ସାମାଜିକ କର୍ମୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସହଯୋଗ ମାଗିଥିଲେ। ଜାନକୀ ଉପଖଣ୍ଡ ଶ୍ରମ ବିଭାଗ ଓ ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଇବା ସହ ମୃତଦେହ ଆଣିବାକୁ ଅନୁରୋଧ କରିଥିଲେ। ଜିଲା ପ୍ରଶାସନ ମଧ୍ୟ ଖବର ପାଇ ତୁରନ୍ତ ସେଠାକାର ପୋଲିସ ଥାନାକୁ ଜଣାଇଥିଲା। ଏ ନେଇ ପେରିୟାନାଇକେନପାଲୟମ ଥାନା ନଂ. ୫୨୧/୨୨ରେ ମାମଲା ରୁଜୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଟ୍ରେନ୍ ଯୋଗେ ପଠାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ତତ୍ପରତା ପ୍ରକାଶ କରିଥିବାରୁ ମୃତଦେହ ଗ୍ରାମରେ ପହଞ୍ଚିଥିଲା। ଏଥିପାଇଁ ଆଇନଜୀବୀ ପ୍ରଦୀପ ଶେଖର ପାଳ, ସାମାଜିକ କର୍ମୀ ଜାନକୀ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

# ଶତପ୍ରତିଶତ ଟିକାକରଣ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୧୪।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଓ ବି.ତୁରୁବୁଡି ଗ୍ରାମପଞ୍ଚାୟତରେ ଶତପ୍ରତିଶତ କୋଭିଡ୍ ଟିକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ (ସେଭ୍ ଦା ଚିଲଡ୍ରେନ୍ ) ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋକର୍ଣ୍ଣପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଡି.ଆରତୀ ଦୋରା ଅଧ୍ୟକ୍ଷତା କରିଥିବା ବେଳେ ବି.ତୁରୁବୁଡି ଗ୍ରାମ ପଞ୍ଚାୟତ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବି.ଲିଙ୍ଗରାଜ ଦୋରା ଅଧ୍ୟକ୍ଷତା କରିଥିଲେ। ଉଭୟ ପଞ୍ଚାୟତର ସମସ୍ତ ଗ୍ରାମର ବହୁ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟିକାକରଣ ଦିଗରେ ରହିଥିବା ବିଭିନ୍ନ ସମସ୍ୟା ସହିତ ଶତପ୍ରତିଶତ ଟିକା କରଣ ଦିଗରେ ସମସ୍ତଙ୍କର ସାହାର୍ଯ୍ୟ ସହଯୋଗ ଆବଶ୍ୟକ ବୋଲି ସ୍ୱେଚ୍ଛାସବୀ ଅନୁଷ୍ଠାନର କ୍ଷେତ୍ର ପରିଚାଳକ ଦୟାନିଧି ଜଗତ ଓ କ୍ଷେତ୍ର ସଂଯୋଜକ ଅକ୍ଷୟ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କୁ ବୁଝାଇବା ସହିତ ଶିଶୁମାନଙ୍କ ସୁରକ୍ଷା ଦିଗରେ ଅଧିକ ଯତ୍ନବାନ୍ ହେବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପରିବାର ବାସନ୍ଦ ଘଟଣାର ସମାଧାନ

**ରମ୍ଭା,୧୪।୬**

ରମ୍ଭା ଥାନା ସନ୍ତୋଷପୁର ପଞ୍ଚାୟତ ଅଧିନସ୍ଥ ସାନ ଗୋପାଳପୁରରେ ଯୋଗୀ ସାହୁଙ୍କୁ ବାସନ୍ଦ ଘଟଣାର ସମାଧାନ ହୋଇଛି। ଗ୍ରାମବାସୀ, ମାନବ ଅଧିକାର କର୍ମୀ ଓ ରମ୍ଭା ପୋଲିସ ଉପସ୍ଥିତିରେ ଆଲୋଚନା କରାଯାଇ ବିବାଦ ତୁଟିଛି। ରମ୍ଭା ଥାନା ଆଇଆଇସି ପି. ସ୍ୱରୂପ କିଷାନ, ଅନ୍ତର୍ଜାତୀୟ ମାନବ ଅଧିକାର ଗଞ୍ଜାମ ଜିଲା ସଭାପତି ସାଇ ପ୍ରସାଦ ପରିଡା, ସେକ୍ରେଟାରୀ ପ୍ରଦୀପ କୁମାର ନାୟକ, ସରପଞ୍ଚ ପ୍ରତିନିଧି ଭୀମସେନ ସାହୁ, ସମିତିସଭ୍ୟ ପ୍ରତିନିଧି ଜେ. ରାମଚନ୍ଦ୍ର, ଗ୍ରାମ ମୁଖିଆ ରାଜ କିଶୋର ତରେଇ, ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଗ୍ରାମବାସୀ ଓ ଯୋଗୀ ସାହୁଙ୍କ ସହ ବହୁ ତର୍କ ବିତର୍କ ପରେ ଉଭୟ ପକ୍ଷ ଆପୋଷ ବୁଝାମଣା ହୋଇଛି। ଯୋଗୀଙ୍କୁ ଜରିମାନା ମୁକ୍ତ କରି ଦେବାପାଇଁ ବୈଠକରେ ନିଷ୍ପତି ହୋଇଥିଲା। ଜମିବାଡ଼ି ବିବାଦ ମାମଲା ଅଦାଲତରେ ପୂର୍ବରୁ ଯେପରି ଚାଲୁଥିଲା ସେପରି ଚାଲିବ। ସାମାଜିକ ବାସନ୍ଦ ବ୍ୟବସ୍ଥା ଉଠାଗଲା ବୋଲି ଘୋଷଣା କରାଯାଇଛି।

# ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ, ୨ ଗିରଫ


ଜବତ ଟ୍ରକ୍ ଓ ଗଞ୍ଜେଇ।

**ଦାରିଙ୍ଗବାଡି,୧୪।୬(ଡି.ଏନ୍.ଏ.)**

ଦାରିଙ୍ଗବାଡି ପୋଲିସ ମଙ୍ଗଳବାର ଗଞ୍ଜେଇ ବୋଝେଇ ଏକ ଟ୍ରକକୁ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କୌଶମ୍ବି ଜିଲା ସାଇନି ଥାନା ଥୁଗଲା ଗ୍ରାମର ଶାରୁଖ ଖାନ ଓ ଫତେପୁର ଜିଲା ଖାକେରୁ ଥାନା ଭୀମପୁରର ଅଜୟ କୁମାର ପାଲ। ପୋଲିସ ଟ୍ରକ ସହ ଚୋରା ଚାଲାଣ ହେଉଥିବା ୨୦୩ କେଜି ଗଞ୍ଜେଇକୁ ଜବତ କରିଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଦାରିଙ୍ଗବାଡି ଥାନା ଆଇଆଇସି କୌଶିକ ମାଝି କହିଛନ୍ତି। ଏ ନେଇ ନଂ.୧୦୦/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ବାଲିଗୁଡା ଅଞ୍ଚଳରୁ ଟ୍ରକ(ନଂ.ୟୁପି ୭୩ ଏ ୩୬୨୭)ରେ ଗଞ୍ଜେଇ ବୋଝେଇ ହୋଇ ଉତ୍ତରପ୍ରଦେଶ ଅଭିମୁଖେ ଚାଲାଣ କରାଯାଉଥିବା କୌଣସିସୂତ୍ରରୁ ଦାରିଙ୍ଗବାଡି ପୋଲିସ ଖବର ପାଇ ଅମ୍ବାଖଳିଆ ଘାଟିରେ ଜଗି ରହିଥିଲା। ସେଠାରେ ଟ୍ରକକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ଦାରିଙ୍ଗବାଡି ଦେଇ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ବେଳେ ଧରାପଡିବା ଘଟଣା ପ୍ରଥମ ବୋଲି ଜଣାପଡିଛି।

# ମନ୍ତ୍ରୀ ଏ.ରାମସ୍ୱାମୀଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

**କାଶୀନଗର,୧୪।୬**

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ, ସଶକ୍ତିକରଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ଏ.ରାମସ୍ୱାମୀ କାଶୀନଗର ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଗରିବ ଆକାଂକ୍ଷା ଯୋଜନାର ସମୀକ୍ଷା କରିଥିଲେ। ପାରଳାଖେମୁଣ୍ଡି ଉପକଣ୍ଠ ରାଣୀପେଣ୍ଠ ଗ୍ରାମପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ, ହିତାଧିକାରୀଙ୍କୁ ଦିଆଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ, ସିଧାମଡ଼ଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର, ଖାରଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସୁଲଭ ଖାଉଟି ଦୋକାନ, ଅଙ୍ଗନୱାଡି କେନ୍ଦ୍ର ଓ ହାଡୁଭାଙ୍ଗିଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ପ୍ରୋଜେକ୍ଟ ଡାଇରେକ୍ଟର, ବିଧାୟକ କେ. ନାରାୟଣ ରାଓ, ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଶିଶୁ ପ୍ରକଳ୍ପ ଅଧିକାରିଣୀ କନକଲତା ପୂଜାରୀ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମହାରଣା, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ରାଷ୍ଟ୍ରମନ୍ତ୍ରୀଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ।

# ଆନ୍ଧ୍ରକୁ ଗୋଚାଲାଣ: ୨ ଗିରଫ

**ହିଞ୍ଜିଳିକାଟୁ,୧୪।୬(ଡି.ଏନ୍.ଏ.)**

ଏକ ବୋଲେରୋରେ ଆନ୍ଧ୍ରପ୍ରଦେଶର କାଞ୍ଚିଲି ହାଟକୁ ଚାଲାଣ ହେଉଥିବା ୭ ଗୋରୁଙ୍କୁ ସୋମବାର ରାତିରେ ହିଞ୍ଜିଳି ଥାନା ଖଣ୍ଡରା ଗାଁ ନିକଟରେ ପୋଲିସ ଉଦ୍ଧାର କରିଛି। ବେଆଇନ ଭାବେ ଗୋଚାଲାଣ କରୁଥିବା ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗାଡି ଡ୍ରାଇଭର ତଥା ମାଲିକ ଖଣ୍ଡରା ଗାଁର କବିରାଜ ବେହେରା ଓ ହେଲପର ହିଞ୍ଜିଳି ଥାନା ଚାନ୍ଦୁଲି ଗାଁର ବାୟା ମାଝି। ନିକଟବର୍ତ୍ତୀ ଅଞ୍ଚଳରୁ ଗୋରୁଙ୍କୁ ଉଭୟେ ଚୋରାଇ ବେଆଇନ ଭାବେ ଚାଲାଣ କରୁଥିବା ପୋଲିସ ସନ୍ଦେହ କରୁଛି। ଗୋରୁ ନେଉଥିବା ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ନଂ.୩୦୦/୨୨ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଅଭିମନ୍ୟୁ ଦାସ ସୂଚନା ଦେଇଛନ୍ତି।


ଜବତ ହୋଇଥିବା ଗାଡି।

# ୧୯୮୮ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

**ବାଲିଗୁଡ଼ା,୧୪।୬(ଡି.ଏନ୍.ଏ.)–**

୧୯୮୮ ବ୍ୟାଚ୍ ଦଶମ ଶ୍ରେଣୀ ପୁରାତନ ଛାତ୍ରୀଛାତ୍ରୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଲିଗୁଡା ସହରର ପ୍ରତିଷ୍ଠିତ ହୋଟେଲ ବିଭବ ପରିସରରେ ତିନିଦିନ ଧରି ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ କୋଣ ଅନୁକୋଣରେ ରହୁଥିବା ପ୍ରାୟ ୬୦ ଜଣ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ମୋ ସ୍କୁଲ ଅଭିଯାନ ଏବଂ ସ୍ଥାନୀୟ ଦୁଇଟି ସ୍କୁଲକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ। ଡ. ବିଚିତ୍ରା ନନ୍ଦ ଆଚାର୍ଯ୍ୟ, ଇଂ. ସବ୍ୟସାଚୀ ପଣ୍ଡା, ଅଜିତ ଷଡ଼ଙ୍ଗୀ, ଶୁଭେନ୍ଦୁ ସାହୁ, ମାନସ ରଞ୍ଜନ ପଣ୍ଡା, ସୁଶାନ୍ତ ସାହୁ, କୁମୁଦ ଚନ୍ଦ୍ର ଖଣ୍ଡଗିରି, ନମିତା ପଣ୍ଡା, ରତ୍ନାବତୀ ମଲ୍ଲିକ, ସ୍ନିଗ୍ଧା ଜେନା, ରଶ୍ମିତା ପଟ୍ଟନାୟକ, ମଦନ ମୋହନ ପାଳ, ସରୋଜ ଦାସ, ମୀନକେତନ, ଲକ୍ଷ୍ମୀଧର ସାହୁ, ଶ୍ରଦ୍ଧାଞ୍ଜଳି ମହାପାତ୍ର, ଅନିତା ସିଂ, କନକଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଆର.ଉଦୟଗିରି,୧୪।୬(ଡି.ଏନ.ଏ.)**

ଆର.ଉଦୟଗିରି ପୁରୁଣା ଘାଟିଠାରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ୬ ମଇଁଷିର

## ଟ୍ରକ୍ ଧକ୍କାରେ ୬ ମଇଁଷି ମୃତ

ମୃତ୍ୟୁ ଘଟିଥିବା ବେଳେ ଦୁଇଟି ମଇଁଷିର ଅବସ୍ଥା ଗୁରୁତର ରହିଛି। ସକାଳ ବ୍ରହ୍ମପୁରରୁ ଏକ ଟ୍ରକ ଟିଣ ବୋଝେଇ କରି ଆର.ଉଦୟଗିରି ଅଭିମୁଖେ ଯାଉଥିବା ବେଳେ ଆର.ଉଦୟଗିରି ଗ୍ରାମର ସୀମା ଗୌଡ଼ ତାଙ୍କ ୮ ମଇଁଷିକୁ ଧରି ବଣକୁ ଚରେଇବାକୁ ନେଉଥିଲେ। ପୁରୁଣା ଘାଟି ବୁଲାଣି ରାସ୍ତାରେ ମଇଁଷିମାନେ ରାସ୍ତା ଅତିକ୍ରମ କରୁଥିବା ବେଳେ ଟ୍ରକ୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା। ତେବେ ଟ୍ରକ ଡ୍ରାଇଭରଙ୍କୁ ଲୋକେ ଅଟକାଇ ପଚରାଉଚରା କରିବାରୁ ଏହି ରାସ୍ତାରେ ମୁଁ ନୂତନ ଭାବେ ଆସିଥିବା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ୱୀକାର କରିଥିଲେ। ଏହାର ପ୍ରତିବାଦରେ ମଇଁଷି ମାଲିକ ଓ ଗ୍ରାମବାସୀ ବ୍ରହ୍ମପୁର-ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ପଥ ଓ କାଠ ଗଣ୍ଡି ପକାଇ ଅବରୋଧ କରିଥିଲେ। କ୍ଷତିପୂରଣ ନ ମିଳିବା ଯାଏ ରାସ୍ତାରୋକ ହଟିବ ନାହିଁ ବୋଲି ମଇଁଷି ମାଲିକ ଜିଦ୍ ଧରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ଅପରାହ୍ନରେ ଟ୍ରକ୍ ମାଲିକ ପହଞ୍ଚି କ୍ଷତିପୂରଣ ବାବଦରେ ଏକ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ନଂ.୭୮/୨୨ରେ ମାମଲା ରୁଜୁ ହୋଇଛି।


ମୃତ ମଇଁଷି ଓ ଗ୍ରାମବାସୀଙ୍କ ରାସ୍ତାରୋକୋ।

# ଯୋଗାଣ ହୋଇଛି ୧୮୯୦ କ୍ୱିଣ୍ଟାଲ୍ ଧାନ ବିହନ

**ଦିଗପହଣ୍ଡି,୧୪।୬(ଡି.ଏନ.ଏ.)**

ଚଳିତ ବର୍ଷ ଖରିଫ ଧାନଚାଷ ପାଇଁ ଦିଗପହଣ୍ଡି ବ୍ଲକକୁ ୧୮୯୦ କ୍ୱିଣ୍ଟାଲ୍ ଧାନବିହନ ଯୋଗାଣ ହୋଇଛି। ଏଥି ସହିତ ୧୧୧.୪ ମେଟ୍ରିକ ଟନ୍ ସାର ବ୍ଲକକୁ ଯୋଗାଣ ହୋଇଛି। ଦିଗପହଣ୍ଡି ବ୍ଲକର ୨୨ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ଦୁଇଗୋଟି ଘରୋଇ ଡିଲରଙ୍କୁ ଏହି ସବୁ ବିହନ ଓ ସାର ବିକ୍ରିପାଇଁ ନିର୍ଦ୍ଦେଶ ମିଳିଛି। ଧାନ ବିହନ ମଧ୍ୟରେ ପୂଜା, ଏମ୍‌ଟିୟୁ ୭୦୨୯, ସ୍ୱର୍ଣ୍ଣ, ସାରଳା, ଏମ୍‌ଟିୟୁ ୧୦୬୧, ଏମ୍‌ଟିୟୁ ୧୦୬୪, ଏମ୍‌ଟିୟୁ ୧୦୭୫, ଏମ୍‌ଟିୟୁ ୧୦୦୧, ମୃଣାଳିନି, ବିପିଟି ୩୨୯୧, ଆର୍‌ଜିଏଲ୍ ୨୫୩୭ ଭଳି କିସମର ଧାନ ବିହନ ରହିଛି। ଏସବୁ ବିହନ ମଧ୍ୟରୁ ସ୍ୱର୍ଣ୍ଣ ମସୁରୀ ଓ ପୂଜା ଧାନ ବିହନ ପ୍ରତି ଚାଷୀମାନଙ୍କ ଆଗ୍ରହ ରହିଛି। ଏହି ବ୍ଲକ୍ ଅନ୍ତର୍ଗତ ରଘୁନାଥ ମହାପ୍ରଭୁ ପ୍ରାଥମିକ କୃଷୀ ସମବାୟ ସମିତି ବି.ତୁରୁବୁଡି ସମ୍ପାଦକ ବିନୋଦ ପଣ୍ଡାଙ୍କ ସୁଚନା ପ୍ରକାରେ ଚଳିତ ବର୍ଷ ୧୦୦ କ୍ୱିଣ୍ଟାଲ୍ ଧାନ ବିହନ ଓ ୭୫୦ କ୍ୱିଣ୍ଟାଲ୍ ସାର ସମିତିକୁ ପହଞ୍ଚିଛି। ଗତବର୍ଷ ଚାଷୀକୁ ସବ୍‌ସିଡ୍ କାଟି ବିହନ ବିକ୍ରି ହେଉଥିଲା। ଚଳିତ ବର୍ଷ ପରିବର୍ତ୍ତିତ ନିୟମ ଅନୁଯାୟୀ ଏକ ବସ୍ତା ବିହନ ନେଲେ ୨୨୫ ଟଙ୍କା ୪୦ ପଇସା ସବ୍‌ସିଡ୍ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ପଇଠ ହେଉଛି। ବର୍ତ୍ତମାନ୍ ସୁଦ୍ଧା ୫୦ ପ୍ରତିଶତ ଧାନ ବିହନ ବିକ୍ରି ହୋଇସାରିଲାଣି। ଆବଶ୍ୟକ ପଡିଲେ ଧାନ ବିହନ ଅଣାଯିବ ବୋଲି ସେ କହିଛନ୍ତି। ସେହିପରି ସିଦ୍ଧେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚଳିତ ବର୍ଷ ଏକ କ୍ୱିଣ୍ଟାଲ୍ ଧାନ ବିହନ ଆସିଛି। ଗତ ବର୍ଷ ଏହି ସମିତିକୁ ୮୦ କ୍ୱିଣ୍ଟାଲ୍ ବିଭିନ୍ନ କିସମର ଧାନ ବିହନ ଆସିଥିବା ବେଳେ ଚଳିତ ବର୍ଷ ୧୦୦ କ୍ୱିଣ୍ଟାଲ୍ ଧାନ ବିହନ ପହଞ୍ଚିଛି। ସେହି ଅନୁପାତରେ ୨୫୦ ମେଟ୍ରକ୍ ଟନ୍ ସାର ମଧ୍ୟ ସମିତିକୁ ଆସି ବିକ୍ରିବଟ୍ଟା ହୋଇଛି। ବର୍ତ୍ତମାନ୍ ସୁଦ୍ଧା ୨୫ କ୍ୱିଣ୍ଟାଲ୍ ଧାନ ବିକ୍ରି ହୋଇନଥିବା ସମ୍ପାଦକ ଗୋପାଳ କୃଷ୍ଣ ଜେନାଙ୍କ ଠାରୁ ସୂଚନା ମିଳିଛି। ସେହିପରି ଗୌଡ ଗାଁ ଓ ଫାସିଗୁଡା ଦୁଇ ଜଣ ଘରୋଇ ଡିଲରଙ୍କୁ ଧାନ ବିହନ ବିକ୍ରୀ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଦିଗପହଣ୍ଡି ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁଙ୍କଠାରୁ ସୂଚନା ମିଳିଛି।

## ■ ଦିଗପହଣ୍ଡିରେ ଖରିଫ କାର୍ଯ୍ୟକ୍ରମ
## ■ ସାର ୧୧୧.୪ ମେଟ୍ରିକ୍ ଟନ୍

